# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 August – 2025**

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ; ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ
- ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ବିସ୍ଥାପନ ଓ ଥଇଥାନ ନୀତି ପ୍ରଣୟନ କରିବେ; କହିଲେ ରାଜସ୍ୱ ମନ୍ତ୍ରୀ
- ବଲାଙ୍ଗୀର ଚଉଷଠୀ ଯୋଗିନୀ ପୀଠର ବିକାଶ ପାଇଁ ୮୭ କୋଟି ୯୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ବଙ୍ଗୋପସାଗରରେ ଆସନ୍ତା ବୁଧବାର ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା

– ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

***BBSR/R***

## ମୁଖ୍ୟମନ୍ତ୍ରୀ–ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ପୂର୍ବରୁ ପଞ୍ଜୀକରଣ କରିଥିବା ହଜାରେ ଜଣଙ୍କ ଅଭିଯୋଗର ଆଜି ଶୁଣାଣି ହୋଇଛି। ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

***Desk***

## ଥଇଥାନ ନୀତି ପ୍ରଣୟନ

ରାଜ୍ୟ ସରକାର ନୂଆ ବିସ୍ଥାପନ ଓ ଥଇଥାନ ନୀତି ଖୁବ୍‌ଶୀଘ୍ର ପ୍ରଣୟନ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏ ନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ଷତିଗ୍ରସ୍ତ ବ୍ୟକ୍ତି ଚାହିଁଲେ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଅଂଶୀଦାର ରହିପାରିବେ। ଜମି ହରାଉଥିବା ଲୋକଙ୍କୁ ବିକଳ୍ପର ସୁଯୋଗ ଏହି ନୂଆ ନୀତିରେ ଦିଆଯିବ। ଜମି ବଦଳରେ ଜମି ମଧ୍ୟ ସରକାର ଯୋଗାଇଦେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O - Suresh Pujhari**

ଅପରପକ୍ଷରେ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ବିଚାରାଧୀନ ସମସ୍ତ ବନ୍ଦୋବସ୍ତ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***HS***

## ବନ୍ୟା କ୍ଷୟକ୍ଷତି

ରାଜ୍ୟରେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ୫ଟି ଜିଲ୍ଲା  କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାକୁ ସରକାର ସହାୟତା ରାଶି ପଠାଇଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ମୋଟ୍ ୬ କୋଟି ୬୬ ଲକ୍ଷ ୧୭ ହଜାର ୫୫ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ବନ୍ୟା ପ୍ରଭାବିତ ପାଞ୍ଚଟି ଜିଲ୍ଲାର ଜିଲ୍ଲାପାଳମାନେ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କଖାତା ଯାଞ୍ଚ କରି କ୍ଷତିପୂରଣ ପ୍ରଦାନ କରିଛନ୍ତି । ରିଲିଫ, ପାଣି ବିଶୋଧନ, ମତ୍ସ୍ୟଜୀବୀ, ଉଦ୍ଧାର କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ମଧ୍ୟ ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଜିଲ୍ଲାପାଳମାନେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆକଳନ କରି ରିପୋର୍ଟ ପ୍ରଦାନ କରିଥିଲେ ।

# ମହିଳା କମିଶନ ଅଧ୍ୟକ୍ଷ

ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଭାବେ ଆଜି ଶୋଭନା ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ଶ୍ରୀମତୀ ମହାନ୍ତି କହିଛନ୍ତି, ସମାଜର ଅବହେଳିତ ଓ ଅସହାୟ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ ସେ କାର୍ଯ୍ୟ କରିବେ । ପ୍ରତିଟି ମହିଳା ତୃଣମୂଳସ୍ତରରୁ କିଭଳି ଭାବେ ସୁରକ୍ଷା ପାଇବେ ସେ ଦିଗରେ ପ୍ରୟାସ କରାଯିବ । ସମସ୍ତ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି ।

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ଭାବେ ଆଜି ବବିତା ପାତ୍ର ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ସହ ଆୟୋଗର ଅନ୍ୟ ଚାରି ଜଣ ସଦସ୍ୟ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଆରବିଆଇ-ମାର୍ଗଦର୍ଶିକା

ବିଭିନ୍ନ ବ୍ୟାଙ୍କରେ ଥିବା ପରଲୋକଗତ ଗ୍ରାହକଙ୍କ ଆକାଉଣ୍ଟ, ଲକର ତଥା ଅନ୍ୟାନ୍ୟ ଜିନିଷପତ୍ର ଉପରେ ଦାବି ଉପସ୍ଥାପନ ସଂକ୍ରାନ୍ତ ଏକ ଚିଠା ମାର୍ଗଦର୍ଶିକା ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ପ୍ରସ୍ତାବ ସଂକ୍ରାନ୍ତରେ ଜନସାଧାରଣଙ୍କଠାରୁ ଆସନ୍ତା ୨୭ ତାରିଖ ସୁଦ୍ଧା

ଆର୍‌ବିଆଇ ମତାମତ ଲୋଡ଼ିଛି । ଦାବି ଉପସ୍ଥାପନର ୧୫ ଦିନ ମଧ୍ୟରେ ସମାଧାନ ଅନ୍ୟଥା ବିଳମ୍ବ କ୍ଷେତ୍ରରେ କ୍ଷତିପୂରଣ ପ୍ରଦାନ ନେଇ  ଚିଠା ମାର୍ଗଦର୍ଶିକାରେ ପ୍ରସ୍ତାବ ରହିଛି ।

*Balangir*

## ପ୍ରଭାତୀ ପରିଡ଼ା ବଲାଙ୍ଗୀର ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବଲାଙ୍ଗୀର ଗସ୍ତରେ ଯାଇ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟସ୍ଥଳୀ ରାଣୀପୁର ଝରିଆଲ ସ୍ଥିତ ଚଉଷଠୀ ଯୋଗିନୀପୀଠ ପରିଦର୍ଶନ କରିଛନ୍ତି । ଶ୍ରୀମତୀ ପରିଡ଼ା ପୀଠର ଉନ୍ନତିକରଣ ପାଇଁ ୮୭ କୋଟି ୯୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପୀଠର ବିକାଶ ପାଇଁ ଡି.ପି.ଆର୍ ଦେଖିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

*Nuapada*

## ଉପମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆଜି ଖଡ଼ିଆଳଠାରେ ଥିବା ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ବି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏଥିସହ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

*Nabarangpur*

# ମାଟ୍ରିକ ପାସ୍

ଦୃଢ଼ ଇଚ୍ଛାଶକ୍ତି ଥିଲେ ବୟସର ଅପରାହ୍ନରେ ପହଁଞ୍ଚିଥିବା ବ୍ୟକ୍ତି ମଧ୍ୟ ଅସମ୍ଭବକୁ ସମ୍ଭବ କରି ଦେଖାଇବାରେ ସମର୍ଥ ହୋଇଥାଏ। ଏହା ପ୍ରମାଣିତ କରି ଦେଖାଇଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବିନୋଦିନୀ ନନ୍ଦ। ୬୦ ବର୍ଷ ବୟସରେ ବିନୋଦିନୀ ମାଟ୍ରିକ ପାସ୍ କରି ଅନ୍ୟମାନଙ୍କ ପାଇଁ ଉଦହରଣ ସାଜିଛନ୍ତି। ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ପାଠ ପଢ଼ିବା ଏବଂ ଶିଖିବାର କୌଣସି ବୟସ କିମ୍ବା ସମୟସୀମା ନଥାଏ, ଏହା ବିନୋଦିନୀ ପ୍ରମାଣିତ କରି ଦେଖାଇଛନ୍ତି। ୬୦ ବର୍ଷରେ ମାଟ୍ରିକ ପାସ୍ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବିନୋଦିନୀ। ଗତ ବର୍ଷ ବିନୋଦିନୀ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ଝରିଗାଁ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ' ବିନୋଦିନୀଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିନୋଦିନୀ କହିଛନ୍ତି...

**- V/O -**

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

*Boudh*

## ହର୍ ଘର୍ ତ୍ରିରଙ୍ଗା

ବୌଦ୍ଧ ଜିଲ୍ଲା ପଞ୍ଚାୟତ ଭବନଠାରେ 'ହର୍ ଘର୍ ତ୍ରିରଙ୍ଗା, ହର୍ ଘର୍ ସ୍ୱଚ୍ଛତା' କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଉଦଘାଟନ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାର ଖସଡ଼ା ପ୍ରସ୍ତୁତ କରାଯାଇଛି। ଆମ ଘର, ଆମ ଗ୍ରାମ, ଆମ ପଞ୍ଚାୟତ, ଆମ ବ୍ଲକ ଏବଂ ଆମ ଜିଲ୍ଲାକୁ ସ୍ୱଚ୍ଛ ରଖିବା ସହ ସ୍ୱଚ୍ଛତାର ବାର୍ତ୍ତା ସମସ୍ତଙ୍କୁ ଦେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।

*BHK*

## ଇ-ଗ୍ରନ୍ଥାଗାର

ଭଦ୍ରକ ଜିଲ୍ଲା ଧାମନଗର ମହାବିଦ୍ୟାଳୟରେ ଇ-ଗ୍ରନ୍ଥାଗାର ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ବରିଷ୍ଠ ପ୍ରାଧ୍ୟାପକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ତଥ୍ୟଭିତ୍ତିକ ଉନ୍ନତ ଶିକ୍ଷାକ୍ଷେତ୍ରରେ ଆଧୁନିକ ପାଠାଗାରର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

*Boudh*

## ଆଲୋଚନାଚକ୍ର

ବୌଦ୍ଧ ଜିଲ୍ଲାପାଳଙ୍କ ସଭାଗୃହଠାରେ ଫଳ ଓ ପନିପରିବା ଚାଷ ଉନ୍ନତି ନିମନ୍ତେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ

ଫଳ ଓ ପନିପରିବାର ଉଚିତ ମୂଲ୍ୟ ନିର୍ଦ୍ଧାରଣ, ପ୍ରକ୍ରିୟାକରଣ, ଶୀତଳଭଣ୍ଡାର ସ୍ଥାପନ, ପର୍ଯ୍ୟାପ୍ତ ଜଳସେଚନ ଆଦି ବିଭିନ୍ନ ପ୍ରସଙ୍ଗର ଆଲୋଚନା ହୋଇଥିଲା।

***Rayagada***

## ରାୟଗଡ଼ା- ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ୍.କୁମାର ଯୋଗଦେଇ ୯୦ଟି ଅଭିଯୋଗର ଶୁଣାଣି କରିଥିଲେ।

***CTC***

## ଟ୍ରେନ୍ ଚଳାଚଳ ଅସ୍ଥାୟୀ ପରିବର୍ତ୍ତନ

କଟକ ରେଳଷ୍ଟେସନ୍‌ର ଦୁଇ ନମ୍ବର ପ୍ଲାଟଫର୍ମରେ ଚାଲୁ ରହିଥିବା ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଟ୍ରେନ୍ ପରିଚାଳନାରେ ଅସ୍ଥାୟୀ ପରିବର୍ତ୍ତନ ଘୋଷଣା କରିଛି। ଆଜିଠାରୁ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ କୋୟାମ୍ବଟୁର–ସିଲଚର୍ ସୁପରଫାଷ୍ଟ ଏକ୍ସପ୍ରେସ୍, ଏର୍ଣ୍ଣାକଲୁମ–ପାଟନା ଦୁଇ ସାପ୍ତାହିକ ଏକ୍ସପ୍ରେସ୍, ବେଙ୍ଗାଲୁରୁ–ଗୌହାଟୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍, କଟକ ଷ୍ଟେସନ୍ ପରିବର୍ତ୍ତେ ବାରଙ୍ଗ-ନରାଜ-ମାର୍ଥାପୁର-କପିଳାସ ରୋଡ୍ ଦେଇ ଚଳାଚଳ

କରିବ। ଯାତ୍ରୀମାନଙ୍କ ସୁବିଧା ପାଇଁ କଟକ ଓ ନରାଜ–ମାର୍ଥାପୁର ରେଲଷ୍ଟେସନ୍‌କୁ ମାଗଣା ବସ୍ ସେବା ଯୋଗାଇ ଦିଆଯାଉଛି।

***HS***

## ପାଣିପାଗ

ଦକ୍ଷିଣ ପଶ୍ଚିମ ଏବଂ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତା ବୁଧବାର ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷରେ, ଚଳିତ ମୌସୁମୀ ଋତୁରେ ଗତ ଜୁନ୍ ୧ ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୬୫୩ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହାକି ସ୍ୱାଭାବିକ ବର୍ଷାଠାରୁ ୫ ପ୍ରତିଶତ କମ୍ ରହିଛି। ଏହି ସମୟ ମଧ୍ୟରେ ଚାରୋଟି ଜିଲ୍ଲାରେ ଅତ୍ୟଧିକ ୧୬ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ଏବଂ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।